ଉପ ମହା ପରିଚାଳକ, ଉପ ନିର୍ଦ୍ଦେଶକ ଭାବେ ପୁନଃନାମିତ, ଆନ୍ତଃରାଜ୍ୟ ବସ୍ ଟର୍ମିନାଲ୍ ଇତ୍ୟାଦି

ବନାମ

ଶ୍ରୀମତୀ ସୁଦର୍ଶନ୍ କୁମାରୀ ଏବଂ ଅନ୍ୟମାନେ ଇତ୍ୟାଦି

ଡିସେମ୍ବର 9, 1996

[କେ. ରାମାସ୍ୱାମୀ ଏବଂ ଜି.ଟି. ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତୀୟ ଦଣ୍ଡ ସଂହିତା, 1860:ଧାରା 199 ।*

*ନ୍ୟାୟାଳୟରେ ମିଥ୍ୟା ପ୍ରମାଣପତ୍ର ଏବଂ ମିଥ୍ୟା ସତ୍ୟପାଠ ଦାଖଲ – ଦଣ୍ଡ – ଉତ୍ତରଦାତାଙ୍କ ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲ ଆଗତ କରାଯାଇଛି – ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ମିଥ୍ୟା ପ୍ରମାଣପତ୍ର ଏବଂ ମିଥ୍ୟା ସତ୍ୟପାଠ ଦାଖଲ କରାଗଲା – ଧାରା 199 ଅନୁଯାୟୀ ଉତ୍ତରଦାତାଙ୍କୁ ଦୋଷୀ ସାବ୍ୟସ୍ତ କରାଗଲା – ଛଅ ମାସ ସଶ୍ରମ କାରାଦଣ୍ଡ ଏବଂ 1000 ଟଙ୍କା ଜୋରିମାନା ଲାଗୁ କରାଗଲା ।*

ଦେୱାନୀ ଅପିଲ କ୍ଷେତ୍ରାଧିକାର:ଦେୱାନୀ ଅପିଲ ସଂଖ୍ୟା 7084-85/1996 ।

ସି.ଡବ୍ଲ୍ୟୁ. ସଂଖ୍ୟା 2483/1994ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କର 15.11.94 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ପ୍ରମୋଦ ଦୟାଲ ।

ଉତ୍ତରଦାତାମାନଙ୍କ ପାଇଁ ଡି. ଗୋବର୍ଦ୍ଧନ ଏବଂ ଭି.ବି. ସହର୍ୟା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ  ପ୍ରଦାନ କରାଯାଇଥିଲା:

ଏହି ନ୍ୟାୟାଳୟ ଏପ୍ରିଲ 2, 1996 ତାରିଖର ଆଦେଶ ଦ୍ୱାରା କହିଥିଲେ ଯେ, ଅନୁକମ୍ପାମୂଳକ ଭିତ୍ତିଭୂମିରେ ପ୍ରଦାନ କରାଯାଇଥିବା ବିକ୍ରୟ କାଉଣ୍ଟର ଚଲାଇବା ପାଇଁ ଅନୁମତି ଏବଂ ଅନୁଜ୍ଞପ୍ତି ଏବଂ ସେମାନଙ୍କୁ ଦିଆଯାଇଥିବା ଅନ୍ୟାନ୍ୟ ସ୍ୱାଧୀନତାର ସେମାନଙ୍କ ଦ୍ୱାରା ଅପବ୍ୟବହାର କରାଯାଉଥିଲା, ତେଣୁ ଉଚ୍ଚ ନ୍ୟାୟାଳୟ ଉତ୍ତରଦାତା ସଂଖ୍ୟା 1 କୁ ରିଟ୍ ଆବେଦନ ପ୍ରତ୍ୟାହାର କରିବା ଏବଂ ସମାନ କାରଣ ପାଇଁ ଅନ୍ୟ ଏକ ରିଟ୍ ଆବେଦନ ଦାଖଲ କରିବା ପାଇଁ ସ୍ୱାଧୀନତା ଦେବା ଠିକ ନଥିଲା । ତଦନୁସାରେ ଦେୱାନୀ ଅପିଲ ସଂଖ୍ୟା 7084/96କୁ ଅନୁମତି ଦିଆଯାଇଥିଲା ଏବଂ ସୁଦର୍ଶନ୍ କୁମାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଅପିଲକୁ ଖର୍ଚ୍ଚ ସହିତ ଖାରଜ କରାଯାଇଥିଲା । ମିଥ୍ୟା ପରିଚୟ ପ୍ରଦାନର ମିଥ୍ୟା ସତ୍ୟପାଠକୁ ପ୍ରମାଣିତ କରିଥିବାରୁ କାହିଁକି ତାଙ୍କ ବିରୋଧରେ ମାମଲା ରୁଜୁ କରାଯିବା ଉଚିତ ନୁହେଁ ଏବଂ କାହିଁକି ତାଙ୍କ ଅନୁଜ୍ଞପ୍ତି ବାତିଲ କରାଯିବା ଉଚିତ ନୁହେଁ ଏବଂ ଏପରି ମିଥ୍ୟା ପ୍ରମାଣପତ୍ର ଦେବା ପାଇଁ କାହିଁକି ତାଙ୍କ ବିରୋଧରେ ମାମଲା ରୁଜୁ କରାଯିବା ଉଚିତ ନୁହେଁ ବୋଲି କାରଣ ଦର୍ଶାଇବା ପାଇଁ ନୋଟାରୀଙ୍କୁ ଏକ ନିର୍ଦ୍ଦେଶ ଜାରି କରାଯାଇଥିଲା । ଉତ୍ତରଦାତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏବଂ ଶପଥରେ ଥିବା ନାମ ଆଧାରରେ ତାଙ୍କୁ ଏକ ବିଜ୍ଞପ୍ତି ପଠାଯାଇଥିଲା । ବର୍ତ୍ତମାନ ନିବନ୍ଧକଙ୍କ କାର୍ଯ୍ୟାଳୟ ଦ୍ୱାରା ସୂଚନା ଦିଆଯାଇଛି ଯେ, ଏହିପରି କୌଣସି ବ୍ୟକ୍ତି ତିସ ହଜାରୀ ନ୍ୟାୟାଳୟରେ ଉପଲବ୍ଧ ନାହାନ୍ତି । ଫଳସ୍ୱରୂପ,

ଅକ୍ଟୋବର 23, 1996 ତାରିଖର ଆଦେଶ ଅନୁଯାୟୀ, ଉତ୍ତରଦାତାଙ୍କ ପାଇଁ ଉପସ୍ଥିତ ଥିବା ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ଗୋବର୍ଦ୍ଧନଙ୍କୁ ଶପଥ ଆୟୁକ୍ତଙ୍କ ନାମ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା, କାରଣ କାଳେ ପ୍ରଥମ ଉତ୍ତରଦାତା ସୁଦର୍ଶନ୍ କୁମାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ, ଯିଏ ଶପଥ ଆୟୁକ୍ତଙ୍କ ଦ୍ୱାରା ପ୍ରମାଣିତ ହୋଇଥିବା ଅଭିଯୋଗରେ ଏକ ସତ୍ୟପାଠ ଦାଖଲ କରିଛନ୍ତି, ଯାହା ମିଥ୍ୟା ବୋଲି ପ୍ରମାଣିତ ହୋଇଛି । ତଦନୁସାରେ ସମୟ ଧାର୍ଯ୍ୟ କରାଯାଇଥିଲା । ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ଗୋବର୍ଦ୍ଧନଙ୍କ ଦ୍ୱାରା କୁହାଯାଇଛି ଯେ, ତାଙ୍କ ଦ୍ୱାରା ଲେଖାଯାଇଥିବା ଚିଠି ସତ୍ତ୍ୱେ, ଉତ୍ତରଦାତା ଉତ୍ତର ଦେଉନାହାଁନ୍ତି । ଏଭଳି ପରିସ୍ଥିତିରେ, ମିଥ୍ୟା ପ୍ରମାଣପତ୍ର ଏବଂ ମିଥ୍ୟା ସତ୍ୟପାଠ ଦାଖଲ କରିଥିବାରୁ ପ୍ରଥମ ଉତ୍ତରଦାତା ଶ୍ରୀମତୀ ସୁଦର୍ଶନ୍ କୁମାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ବ୍ୟତୀତ ଆମ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ । ତଦନୁସାରେ, ତାଙ୍କୁ ଧାରା 199 ଆଇ.ପି.ସି. ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଉଛି ଏବଂ ଛଅ ମାସ ପାଇଁ ସଶ୍ରମ କାରାଦଣ୍ଡ ଭୋଗିବାକୁ ଦଣ୍ଡ ପ୍ରଦାନ କରାଯାଉଛି ଏବଂ 1,000 ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି, ଜୋରିମାନା ଅନାଦାୟ କ୍ଷେତ୍ରରେ ତାଙ୍କୁ ଆହୁରି ଛଅ ସପ୍ତାହର ଅଧିକ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ । ଉଭୟ ଦଣ୍ଡାଦେଶ ଏକାସାଙ୍ଗରେ ଚାଲିବାକୁ ନିର୍ଦ୍ଦେଶ ଦିଆଯାଇଛି । ଦଣ୍ଡାଦେଶ କାର୍ଯ୍ୟକାରୀ କରିବା ପାଇଁ ଏହି ଆଦେଶକୁ ଦିଲ୍ଲୀର ଦୌରା ବିଚାରପତିଙ୍କ ନିକଟକୁ ପଠାଯିବା ଉଚିତ । ସେହି ଅନୁଯାୟୀ ନିର୍ଦ୍ଦେଶ ଦିଆଯାଇଛି ।

ଟି.ଏନ୍.ଏ.

ଅପିଲ ପରିସମାପ୍ତି କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

<u>ଅନୁବାଦକ</u>
ସତ୍ୟରଞ୍ଜନ ସାମଲ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ